# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 January - 2025**

# ପିଏମ୍-ଏନ୍‌ସିସି ର୍‍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର କାରିୟାପ୍ପା  ପରେଡ୍ ଗ୍ରାଉଣ୍ଡ୍‌ରେ ବାର୍ଷିକ ଏନ୍‌ସିସି ର୍‍ୟାଲିକୁ ଆଜି ସମ୍ବୋଧନ କରିବେ l ଚଳିତବର୍ଷ ଏନ୍‌ସିସି ର୍‍ୟାଲିର ବିଷୟବସ୍ତୁ ରହିଛି **ଯୁବଶକ୍ତି ବିକଶିତ ଭାରତ l** ଏଥିରେ ୮୦୦ରୁ ଅଧିକ ଏନ୍‌ସିସି କ୍ୟାଡେଟ୍ ଅଂଶ ଗ୍ରହଣ କରୁଛନ୍ତି l ଦେଶ ନିର୍ମାଣ କ୍ଷେତ୍ରରେ ଏନ୍‌ସିସିର ପ୍ରତିବଦ୍ଧତା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ୟାଡେଟ୍‌ଙ୍କ ଦ୍ୱାରା ପରିବେଷଣ କରାଯିବ l ଏହି କାର୍ଯ୍ୟକ୍ରମରେ ୧୮ଟି ଦେଶର ୧୪୪ ଜଣ ଯୁବ କ୍ୟାଡେଟ୍ ମଧ୍ୟ ଅଂଶ ଗ୍ରହଣ କରୁଛନ୍ତି l ମେରା ଯୁବ ଭାରତ, ଶିକ୍ଷା ମନ୍ତ୍ରଣାଳୟ, ଆଦିବାସୀ ବ୍ୟାପାର ବିଭାଗ, ୬୫୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଉଛନ୍ତି l

# ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ

‘ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା’ ସମ୍ମିଳନୀ ଆସନ୍ତାକାଲି ମଙ୍ଗଳବାର ଓ ବୁଧବାର ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ l ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି l ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଆଗାମୀ ଦିନରେ ‘ଭାରତ ମାନଚିତ୍ରରେ ଓଡ଼ିଶା’ ଶିଳ୍ପ

ପେଣ୍ଡସ୍ଥଳି ହେବ। ଏହି ସମ୍ମିଳନୀ ଦ୍ୱାରା ରାଜ୍ୟରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ଦେଶ ଓ ବିଦେଶର ବିଭିନ୍ନ ଶିଳ୍ପସଂସ୍ଥାର ୭ ହଜାର ୫୦୦ ରୁ ଅଧିକ ଶିଳ୍ପ ପ୍ରତିନିଧି, ନିବେଶକ ସମ୍ମିଳନୀରେ ଯୋଗଦେବେ। ସମ୍ମିଳନୀରେ ୩ଟି ବିଷୟଗତ ଅଧିବେଶନରେ ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କ ମଧ୍ୟରେ ଆଲୋଚନା କରାଯିବ। ଦୁଇଦିନିଆ ସମ୍ମିଳନୀ ପରେ ସାଧାରଣ ଜନତାଙ୍କ ପାଇଁ ୩୦ ତାରିଖ ଦିନ ପ୍ରଦର୍ଶନୀ ଖୋଲା ରହିବ ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ପୁଞ୍ଜି ନିବେଶ ପ୍ରସ୍ତାବ

ରାଜ୍ୟରେ ଗତ ୭ ମାସ ମଧ୍ୟରେ ୨ ଲକ୍ଷ ୭୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ରାଜ୍ୟ ସରକାର ୧୫୯ଟି ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ଏଗୁଡ଼ିକ କାର୍ଯ୍ୟକାରୀ ହେଲେ ୨ ଲକ୍ଷ ୧୫ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟ ସରକାର ନିବେଶ ପ୍ରସ୍ତାବ ଆଣିବା ସହିତ ସେଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଶିଳ୍ପ ଅନୁକୂଳ ବାତାବରଣ ରହିଥିବାରୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସରକାର ଧ୍ୟାନ ଦେଉଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# ପେନ୍‌ସନ୍ ଯୋଜନା

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଏକୀକୃତ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରିବା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତବର୍ଷ ଏପ୍ରିଲ ମାସରୁ ଏହି ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହେବ । ଏକୀକୃତ ପେନ୍‌ସନ୍ ଯୋଜନାରେ ୨୫ବର୍ଷ କିମ୍ବା ତା’ଠାରୁ ଅଧିକ ବର୍ଷ ଚାକିରି କରିଥିଲେ ଅବସର ପୂର୍ବ ୧୨ମାସରେ ସେମାନଙ୍କ ହାରାହାରି ମୌଳିକ ଦରମାର ୫୦ ପ୍ରତିଶତ ପେନ୍‌ସନ୍ ପାଇବେ । ସେହିପରି ସର୍ବନିମ୍ନ ୧୦ବର୍ଷ ଚାକିରି କରିଥିଲେ ମାସିକ ୧୦ହଜାର ଟଙ୍କା ପେନ୍‌ସନ୍ ମିଳିବ । ଏହାଛଡା ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ ହେଲେ ୬୦ ପ୍ରତିଶତ ପରିବାର ପେନ୍‌ସନ୍ ମିଳିବ ବୋଲି ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି ।

# ରକ୍ତଦାନ ଶିବିର

ନୂଆପଡା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣତନ୍ତ୍ର ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ରକ୍ତଦାନ ଯୋଗୁଁ ଅନେକଙ୍କ ଜୀବନ ବଞ୍ଚାଇ ହେଉଛି ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସମେତ ବିଭିନ୍ନ ଅଧିକାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ହକି

ଓଡ଼ିଶା ୱାରିଅର୍ସ ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ଟାଇଟଲ୍ ହାସଲ କରିଛି । ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ’ ସୁରମା ହକି କ୍ଲବ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଲିଗ୍ ମହିଳା ବର୍ଗର ଏହି ପ୍ରଥମ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସୋରେନ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ମହିଳା ହକି ଦଳକୁ ଶୁଭେଚ୍ଛା ଜଣାଇଥିଲେ । ସୁର୍‌ମା ହକି କ୍ଲବର ଜ୍ୟୋତି’ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛନ୍ତି । ଅଧିକ ଗୋଲ୍ ଦେଇଥିବା ଓଡ଼ିଶା ୱାରିଅର୍ସର ୟି.ବି. ଜାନ୍‌ସେନ୍ ଏବଂ ସୁର୍‌ମା ହକି କ୍ଲବର ଚାର୍ଲୋଟେ ଏଞ୍ଜେଲ୍‌ବଟ୍, ସୁର୍‌ମା ହକି କ୍ଲବର ସବିତା ପୁନିଆ ଶ୍ରେଷ୍ଠ ଗୋଲ୍ କିପର୍ ଏବଂ ସୋନମଙ୍କୁ ଶ୍ରେଷ୍ଠ ନବାଗତା ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଛି ।

ପୁରୁଷ ବର୍ଗରେ ଆଜି ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଶ୍ରାଚୀ ରାହ ବେଙ୍ଗଲ ଟାଇଗର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଖେଳାଯିବ । ରାତି ୮ଟା ୧୫ ମିନିଟ୍‌ରେ ସୁର୍‌ମା ହକି କ୍ଲବ ଏବଂ କଳିଙ୍ଗ ଲାନ୍‌ସର୍ସ ପରସ୍ପରକୁ ଭେଟିବେ ।

# କ୍ରିକେଟ

ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ ୩୬ତମ ସର୍ବଭାରତୀୟ ଲାଲମନି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱରର ବାପୁଜୀ କ୍ଲବ ଚାମ୍ପିୟନ ହୋଇଛି । ବିଜୟୀ ଦଳ ସୁନ୍ଦରଗଡର ନବଜୀବନ କ୍ରିକେଟ କ୍ଲବକୁ ୨୩ରନ୍‌ରେ ପରାସ୍ତ କରିଛି । ଉଦ୍‌ଯାପନୀ ସମାରୋହରେ ଚାମ୍ପିୟନ ଦଳକୁ ୮୧ହଜାର ଓ ରନର୍ସଅପ୍ ଦଳକୁ ୫୧ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା ।